# ବାତଜ୍ୱରନିରାକରଣ ନିମନ୍ତେ ସାମୁହିକ ଔଷଧ ସେବନ

Mass Drug Administration to eliminate lymphatic Filariasis

୧୨ଲକ୍ଷ ୫୭ ହଜାର ୭୬୦ଜଣ ଖାଇବେ ଔଷଧ ।

ଅନୁଗୋଳ ୦୬. ୦୨ :- ଅନୁଗୋଳରୁ ବାତଜ୍ୱର (ଫାଇଲେରିଆ) ରୋଗର ନିରାକରଣ ନିମନ୍ତେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ନେଇ ଆଜି ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଏକ ସମ୍ବାଦଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ତରଫରୁ ପ୍ରସ୍ତୁତ ହୋଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଅମରେନ୍ଦ୍ର ନାଥ ମହାନ୍ତି ସୂଚନା ପ୍ରଦାନ କରିବା ସହ ଏହାର ବ୍ୟାପକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାର ୧୨ଲକ୍ଷ ୫୭ ହଜାର ୭୬୦ଜଣଙ୍କୁ ଏହି ଔଷଧ ପ୍ରଦାନ କରାଯିବ । ଆଗରୁ ଏହି ଔଷଧ ମାଗିଲେ ଖୁଆଇ ଦିଆଯାଉଥିଲା ,ଚଳିତ ବର୍ଷ ପ୍ରଥମ କରି ଔଷଧ ବିତରଣକାରୀ ଦଳ ଘରକୁ ଘର ବୁଲି ଖୁଆଇବେ । ଚଳିତ ମାସ ୧୦ ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ଔଷଧ ସେବନ କରାଯିବା ନିମନ୍ତେ ୨୦୫୬ ଜଣ ଔଷଧ ବିତରଣକାରୀ,୨୦୫ ଜଣ ସୁପରଭାଇଜର୧୯୩୦ଟି ଗ୍ରାମର ୧୫୭ଟି ସବ ସେଣ୍ଟର ଓ ୫ଟି ପି ଏସ୍ ୟୁରେ ଏହି ଔଷଧ ଖୁଆଇବେ । ଏଥିପାଇଁ ୧୨ଲକ୍ଷ ୫୭ ହଜାର ୭୬୦ଟି ଆଲବେଣ୍ଡାଜୋଲ ଓ ୩୧ଲକ୍ଷ ୪୪ ହଜାର ୪୦୦ଟି ଡି ଇ ସି ବଟିକା ଖୁଆଇବାକୁ ସ୍ଥିର କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଏହି ଔଷଧ ଖାଇବାରୁ ଯେଉଁମାନେ ବଂଚିତ ହେବେ ସେମାନଙ୍କୁ ୨୦ ତାରିଖରେ ଖୁଆଇବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଯେଉଁମାନେ ଏହି ଔଷଧ ଖାଇବେ ସେମାନଙ୍କ ବାମ ହାତର ବିଶି ଆଙ୍ଗୁଳିର ନଖ ଉପରେ ଏକ ଅଲିଭା ରଙ୍ଗର ଚିହ୍ନ ଦିଆଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ସୁଚନା ପ୍ରଦାନ କରିଥିଲେ । ଚଳିତ ମାସ ୧୦ ତାରିଖରେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ନିଜେ ଏହି ଔଷଧ ଖାଇ ଏହାର ଶୁଭାରମ୍ଭ କରିବେ । ଏହି ଔଷଧ ଖାଇବା ଦ୍ୱାରା କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ । ଯଦି କୌଣସି ସ୍ଥାନରେ କେହି ଅସୁସ୍ଥ ଅନୁଭବ କରନ୍ତି ତୁରନ୍ତ Rapid Reaction Team ସେମାନଙ୍କୁ ନେଇ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚାଇବାକୁ ସ୍ଥିର କରାଯାଇଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରକାଶ କରିଥିଲେ । ୨ବର୍ଷରୁ କମ୍ ଶିଶୁ,ଗର୍ଭବତୀ ମହିଳା ଏବଂ ଦୀର୍ଘ ଦିନରୁ ରୋଗରେ ପୀଡିତ ବ୍ୟକ୍ତି ଏହି ଔଷଧ ସେବନ କରିବେ ନାହିଁ । ଖାଲି ପେଟରେ ଏହି ଔଷଧ ସେବନ କରିବାକୁ ବାରଣ କରାଯାଇଛି । ଅଙ୍ଗନୱାଡି ଓ ଆଶା କର୍ମୀମାନେ ଔଷଧ ବିତରଣକାରୀ ଦଳରେ ସାମିଲ ହୋଇ ଘରକୁ ଘର ବୁଲି ଏହି ଔଷଧ ଖୁଆଇବେ । ଏହି ସମ୍ବାଦଦାତା ସମ୍ମିଳନୀରେ କୁଷ୍ଠ ନିରାକରଣ ଅଧିକାରୀ ଡ. ବିଶ୍ୱବିହାରୀ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ ଓ ଭିଭିଡି ପରାମର୍ଶଦାତା ନିରୁପମା ଦାସ ଉପସ୍ଥିତ ଥିଲେ ।